## ସଂକ୍ଷେପରେ

### ଛାତ୍ରୀଙ୍କୁ କମେଣ୍ଟ କରି ଜଣେ ଗିରଫ

ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ): ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ପର୍ତ୍ତମାହା ପଞ୍ଚାୟତ କିଡ୍ରାମାଲା ଗ୍ରାମର କରନ ଦିଗାଲ୍। ଘଟଣାଟି ଗତ କିଛିଦିନ ତଳେ ଘଟିଥିଲେ ମଧ ଏହାକୁ ଗାଁ ଏବଂ ପରେ ପଞ୍ଚାୟତରେ ସମାଧାନ କରାଯିବାକୁ ଉଦ୍ୟମ ହୋଇଥିଲା। ସମାଧାନ ପରିବର୍ତ୍ତେ କମେଣ୍ଟ ମାରିଥିବା ବ୍ୟକ୍ତି ଛାତ୍ରୀଙ୍କ ପରିବାରକୁ ଧମକ ଦେଇଥିଲେ। ଏନେଇ ସୋମବାର ଛାତ୍ରୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୨/୧୯ରେ ମାମଲା ରୁଜୁକରି କରନଙ୍କୁ ଗିରଫ କରିଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। କରନ ବିବାହିତ ଓ ତାଙ୍କର ୩ ସନ୍ତାନ ଅଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ମହିଳା, ଯୁବତୀମାନଙ୍କୁ ବାରମ୍ବାର କରନ ଏପରି ହଇରାଣ କରୁଥିବା ଗ୍ରାମବାସୀ ପୋଲିସ ନିକଟରେ କହିଛନ୍ତି।

### ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ପୁରୁଷୋତ୍ତମପୁର,୧୬।୯(ଡି.ଏନ୍.ଏ.): ପୁରୁଷୋତ୍ତମପୁର ବ୍ଲକର ୧୩ଟି କ୍ଲଷ୍ଟରରେ ଶିକ୍ଷା ସାମଗ୍ରୀ ପ୍ରଦର୍ଶନୀ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମସ୍ତ ସିଆର୍‌ସିସି ପରିଚାଳନା କରିଥିଲେ। ଆଛୁଲି କ୍ଲଷ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ସରୋଜ କୁମାର ଦାଶ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଆଛୁଲି ସରପଞ୍ଚ ସାଗରିକା ବେହେରାଙ୍କ ସମେତ ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟ ବେହେରା ଓ ନୀଳମଣି ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ଶିକ୍ଷଣ ସାମଗ୍ରୀଗୁଡ଼ିକୁ ବୁଲି ଦେଖିଥିଲେ । ଏଥି ମଧ୍ୟରୁ କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବା ବେଳେ କଇଁଠା ସେବାଶ୍ରମ ବିଦ୍ୟାଳୟ ଦ୍ୱିତୀୟ, ଓ ଚଢ଼ିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ବିଦ୍ୟାଳୟର ଛାତ୍ରୀ ଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ନାଗସାପ ଉଦ୍ଧାର



ବୁଗୁଡ଼ା,୧୬।୯(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ ଗୋଲାବଞ୍ଜର ଗ୍ରାମରେ ସୋମବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ବାଳକୃଷ୍ଣ ଆଚାରୀଙ୍କ ଘରୁ ଏକ ୫ ଫୁଟିଆ ନାଗସାପ ଉଦ୍ଧାର କରାଯାଇଛି। ସାପଟି ଘରେ ଥିବା ଦେଖି ବାଳକୃଷ୍ଣ ବି.କରଡ଼ାବାଡ଼ିର ସ୍ନେକ୍ ହେଲପ୍ ଲାଇନ କର୍ମୀ ହରିଶ ପାଢ଼ୀଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ସାପଟିକୁ ଧରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ମେଡିକାଲ କଲେଜ ଦାବି ନେଇ ବୈଠକ

ଜି.ଉଦୟଗିରି,୧୬।୯(ଡି.ଏନ.ଏ.): କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମିଳିତ ନାଗରିକ କମିଟିର ଆବାହକ ଅଶୋକ କୁମାର ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ। ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ବଢ଼ି ଚାଲିଛି। ରୋଗୀଙ୍କ ଚିକିତ୍ସା ପାଇଁ କୌଣସି ସୁବିଧା ନାହିଁ। ତେଣୁ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବୈଠକରେ ପ୍ରସ୍ତାବ ରଖାଯାଇଥିଲା। ଏଥିନିମନ୍ତେ ୭ ଜଣିଆ ଏକ କମିଟି ଗଠନ କରାଯାଇଥିଲା। ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାପତି ସମୀର କୁମାର ପାଢ଼ୀ ଉକ୍ତ କମିଟିର ସଭାପତି ହୋଇଥିବା ବେଳେ କୁଇ ସମାଜ ନେତା ପ୍ରଦୀପ କହଁର, ବାର୍ ଆସୋସିଏଶନ ସମ୍ପାଦକ ରମେଶ ବେହେରା, ଅଟୋ ଚାଳକ ଓ ମାଲିକ ସଂଘ ସଭାପତି ବାଳକୃଷ୍ଣ ଜାନି, ଅରୁଣ କୁମାର ଷଡ଼ଙ୍ଗୀ, ରାମକୃଷ୍ଣ ଚୌଧୁରୀ ଓ ଦେବନାଥ ଦଳ ବେହେରାଙ୍କୁ ସଦସ୍ୟ ମନୋନୀତ କରାଯାଇଥିଲା । ବୈଠକରେ ପ୍ରିୟବ୍ରତ ସାହୁ, ସନ୍ତୋଷ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ପାଢ଼ୀ, ବଟକୃଷ୍ଣ ଦାଶ, ମନୋଜ ମହାପାତ୍ର, ପିଲି ଦାଶ ପ୍ରମୁଖ ମେଡିକାଲ କଲେଜ ଦାବି ଉପରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଆସନ୍ତା ୨୧ ତାରିଖରେ ପ୍ରତି ବ୍ଲକରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜିଲା ଆବାହକ ପରିଡ଼ା କହିଛନ୍ତି ।

# ପାଇଖାନା ନ କଲେ ରାଶନ ସାମଗ୍ରୀ ମିଳୁନି

- ବିଡିଓଙ୍କୁ ଘେରିଲେ ଗ୍ରାମବାସୀ
- ଓଡ଼ିଶା ସୀମାନ୍ତରେ ଆନ୍ଧ୍ର ନିୟମ

ପାତ୍ରପୁର,୧୬।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକର ୨୩ ପଞ୍ଚାୟତରେ ପ୍ରଶାସନର ଗୋଟିଏ ନିୟମ ଥିବାବେଳେ ଆନ୍ଧ୍ର ସୀମାକୁ ଲାଗିଥିବା କେଶରୀପଡ଼ା ପଞ୍ଚାୟତ ସଦରମହକୁମାରେ ଆକ୍ରୋଶମୂଳକ ଭାବେ ଅଲଗା ନିୟମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ପାଇଖାନା ନିର୍ମାଣ ନକଲେ ରାଶନ ସାମଗ୍ରୀ ବନ୍ଦ କରାଯାଉଛି। ଗ୍ରାମ ହେବାଠାରୁ କେତେକ ବାସଗୃହ ସ୍ୱଳ୍ପ ଜାଗାରେ ମନ୍ଦିର ଜମିରେ ନିର୍ମାଣ କରାଯାଇଛି। ସେହିପରି ଅନ୍ୟ କେତେକ ପରିବାର ମାତ୍ର ଦୁଇ ଡ଼େସିମିଲ ଜାଗାରେ ଘର ନିର୍ମାଣ କରିଛନ୍ତି। ପାଇଖାନା ପାଇଁ ସେଠାରେ ଜାଗା ନାହିଁ। ସରକାରୀ ଖାତା ଓ ମନ୍ଦିର ଜମିରେ ଘର ଥିବାବେଳେ ଆବାସ ଯୋଜନା, ଛାତ୍ରୀଛାତ୍ରମାନଙ୍କ ପ୍ରମାଣପତ୍ର ହେଉନାହିଁ। ଏପରିସ୍ଥଳେ ଗ୍ରାମବାସୀ ପ୍ରଥମେ ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି କେଉଁ ନିୟମରେ ପାଇଖାନା ନିର୍ମାଣ ନକଲେ ସାମଗ୍ରୀ ବନ୍ଦ କରାଗଲା ବୋଲି ଅଭିଯୋଗ କରି ଘେରାଉ କରିଥିଲେ। ଏନେଇ ବିଡ଼ିଓ କୌଣସି ଠିକ ତଥ୍ୟ ଦେଇପାରି ନ ଥିଲେ। ଫଳରେ ରାଶନ ସାମଗ୍ରୀ ତୁରନ୍ତ ପ୍ରଦାନ ଦାବିରେ ମହିଳା ଓ ପୁରୁଷ କାର୍ଯ୍ୟାଳୟ ଆଗରେ ବସିରହିଥିଲେ।

ଏନେଇ ବିଡ଼ିଓ ପ୍ରକାଶଚନ୍ଦ୍ର ଦାସଙ୍କୁ ପଚାରିବାରୁ ରାଶନ ସାମଗ୍ରୀ ବନ୍ଦ କରାଯାଇନି। ୨୦ ତାରିଖ ପର୍ଯ୍ୟନ୍ତ ସାମଗ୍ରୀ ଦେବାର ସମୟ ରହିଛି ବୋଲି କହିଥିଲେ। ଅନ୍ୟପଟେ ପଟ୍ଟା ପ୍ରଦାନ ପାଇଁ ଗ୍ରାମବସୀ ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ପ୍ରଦାନ କରିଥିଲେ। ତୁରନ୍ତ ପଟ୍ଟା ପ୍ରଦାନ କଲେ ଆମେ ଆମ ଜାଗାରେ ପାଇଖାନା ନିର୍ମାଣ ସହ ଆବାସ ଯୋଜନାରେ ସାମିଲ ହେବୁ ବୋଲି କହିଥିଲେ। ଏନେଇ ତହସିଲଦାର ଶ୍ରୀନିବାସ ବେହେରାଙ୍କୁ ପଚାରିବାରୁ ତଦନ୍ତ ପରେ କିସମ ପରିବର୍ତ୍ତନ କରାଯାଇ ପଟ୍ଟା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

ଅନ୍ୟପଟେ ଆନ୍ଧ୍ରରେ ପାଇଖାନା ନିର୍ମାଣ ନକଲେ ରାଶନ ସାମଗ୍ରୀ ଓ ଭତ୍ତା ବନ୍ଦ କରିବା ନିୟମ ରହିଛି। ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ଏପରି ନିୟମ ନାହିଁ। ସରକାରଙ୍କ ବିନା ନିୟମରେ କେବଳ ପାତ୍ରପୁର ବ୍ଲକର କେଶରୀପଡ଼ା ଗ୍ରାମରେ କିଭଳି ଆନ୍ଧ୍ର ନିୟମ ଲାଗୁହେଲା ସେନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଜାଣିଶୁଣି କିଛି ନେତାଙ୍କ ପ୍ରରୋଚନାରେ ଏପରି କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସମେତ ଗୁଡ଼ିପଦର ସରପଞ୍ଚ ୱାଇ. ମୋହନ ରାଓ, ପୂର୍ବତନ ସରପଞ୍ଚ ଆଇ. ବାଲକ୍ରିଷ୍ଣା ଓ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

# ଘରେ ପଶି ୭୦ ହଜାର ଟଙ୍କା ଲୁଟ୍

- ମହିଳାଙ୍କୁ ଅସଦାଚରଣ ଉଦ୍ୟମ
- ଧସ୍ତାଧସ୍ତି ପରେ ମୋବାଇଲ୍ ଫୋନ ଛାଡି ଫେରାର

ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ କିଛିଦିନର ନୀରବତା ପରେ ପୁଣି ଲୁଟ୍‌ପାଟ ଆରମ୍ଭ ହୋଇଛି। ଆଗକୁ ଶାରଦୀୟ ପୂଜା ଥିବାବେଳେ ଏବେ ଲୁଟ୍‌ପାଟ୍ ବୃଦ୍ଧି ପାଇଛି। ରବିବାର ବିଳମ୍ବିତ ରାତିରେ ଏଭଳି ଏକ ଘଟଣା ଘଟିଛି ଉକ୍ତ ଥାନା କିରିକୁଟି ପଞ୍ଚାୟତ ବାଇମାଲା ଗ୍ରାମରେ। ଘରେ ୨ ଜଣ ମହିଳା ଥିବା ସୁଯୋଗ ନେଇ ଜଣେ ଦୁର୍ବୃତ୍ତ ଘରେ ପଶି ଟଙ୍କା ଲୁଟିନେବା ସହ ମହିଳାଙ୍କୁ ଅସଦାଚରଣ କରିଛନ୍ତି। ଏନେଇ ଦାରିଙ୍ଗବାଡି ଥାନାରେ ଅଭିଯୋଗ ପରେ ପୋଲିସ ନଂ.୩୯/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବାଇମାଲା ଗ୍ରାମର ଶାଶୁ ନିବାଜିନୀ ଦିଗାଳ ଏବଂ ବୋହୁ ସିଲା ସିମନବାଡ଼ିର ଏକ କିଓସ୍କୋ ବ୍ୟାଙ୍କରୁ ବିଭିନ୍ନ ସମୟରେ ପ୍ରାୟ ୯୦ ହଜାର ଟଙ୍କା ଉଠାଇଥିଲେ। ସେଥିରୁ କିଛିଟଙ୍କା ଘର କାମରେ ଲଗାଇଥିବାବେଳେ ବଳକା ୭୦ହଜାର ଟଙ୍କା ଘରେ ରଖିଥିଲେ। ପ୍ରତିଦିନ ଭଳି ରବିବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ବାଡିପଟ ମାଟିକାନ୍ଥ ଭାଙ୍ଗି ଘରେ ପଶିଥିଲେ। ୭୦ହଜାର ଟଙ୍କା ଲୁଟିନେବା ସହ ମହିଳାଙ୍କୁ ଅସଦାଚରଣ ଉଦ୍ୟମ ଓ ମାରପିଟ କରିଥିଲେ। ଉଭୟ ଶାଶୁ ବୋହୂ ଲୁଟେରାଙ୍କ ସହ ଧସ୍ତାଧସ୍ତି କରିବାରୁ ତାଙ୍କର ମୋବାଇଲ ଫୋନ ତଳେ ପଡି ଯାଇଥିଲା। ପରେ ସେ ଟଙ୍କା ଧରି ଚମ୍ପଟ ମାରିଥିଲେ। ସୋମବାର ଶାଶୁ ବୋହୂ ଥାନାରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କୌଶିକ ମାଝି ଘଟଣାସ୍ଥଳରେ ପହଞ୍ଚି ଲୁଟେରା ଛାଡି ଯାଇଥିବା ମୋବାଇଲକୁ ନେଇ ତଦନ୍ତ ଚଳାଇଛନ୍ତି।

## ଶିଶୁ ରେଳଗାଡ଼ି ଉଦ୍‌ଘାଟନ କଲେ ବିଧାୟକ

ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ହିଲଭିୟୁ ପାର୍କ ପରିସରରେ ଥିବା ଶିଶୁ ରେଳଗାଡ଼ିକୁ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଛି । ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଏବଂ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୬ଲକ୍ଷ ଟଙ୍କା ବିନିମୟରେ ଏହା ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବହୁମୁଖି ସମବାୟ ସମିତି ଅଧକ୍ଷ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ, ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପାର୍କ ପରିଚାଳକ ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରେଳଗାଡ଼ି ପାଇଁ ସ୍ୱତନ୍ତ୍ର ଟିକେଟ ବ୍ୟବସ୍ଥା କରାଯାଉଥିବା ଜାଗୃତି ସମ୍ପାଦକ ଦଣ୍ଡପାଟ କହିଛନ୍ତି ।

# ମଦ ବିକ୍ରି ବନ୍ଦ କରିବାକୁ ମହିଳାଙ୍କ ଦାବି

ଜି.ଉଦୟଗିରି,୧୬।୯(ଡି.ଏନ.ଏ.)

ଜି.ଉଦୟଗିରି ଥାନା କଳିଙ୍ଗାଠାରେ ଅବାଧ ମଦ କାରବାର ଚାଲିଛି। ଏସବୁ ମଦ ବିକ୍ରିକୁ ଦଳମତ ନିର୍ବିଶେଷରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କଳିଙ୍ଗା ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜି.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ ଅଞ୍ଚଳ କରିବା ସହିତ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ଆଇଆଇସି ଚିତ୍ତରଞ୍ଜନ ବେହେରା ଓ ମହିଳା ଏସ୍‌ଆଇ କୌଶଲ୍ୟା ବେହେରାଙ୍କୁ ପଚାରିବାରୁ ମହିଳାମାନେ କଳିଙ୍ଗାରେ ମଦ ବିକ୍ରି ବନ୍ଦ କରିବାକୁ କହିବାକୁ ଆସିଥିଲେ। ଆମେ ଏହା ଭିତରେ କଳିଙ୍ଗାର ତିନୋଟି ଜାଗାରେ ଚଢ଼ାଉ କରି ମଦଭାଟି ବନ୍ଦ କରିଛୁ। ଯଦି ଅନ୍ୟକେଉଁଠି ମଦ ବିକ୍ରି ହେଉଥିବ ତେବେ ତୁରନ୍ତ ବନ୍ଦ କରାଯିବ ବୋଲି ସେ କହିଥିଲେ।



ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

## ଶିଡ଼ିରୁ ପଡ଼ି ବୃଦ୍ଧ ମୃତ

ଭଞ୍ଜନଗର,୧୬।୯(ଡି.ଏନ.ଏ)

ତାରସିଂ ଥାନା ସାମରଡ଼ାରେ ଶିଡ଼ିରୁ ପଡ଼ି ବିଶ୍ୱନାଥ ସାହୁ(୬୫)ଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସୋମବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଯାଇଛି। ଏନେଇ ନଂ.୬।୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ବିଶ୍ୱନାଥ ଶିଡ଼ିରେ ଛାତ ଉପରକୁ ଉଠୁଥିଲେ। ଏହି ସମୟରେ ଶିଡ଼ିର ଗୋଟିଏ ନିଶୁଣି ଭାଙ୍ଗି ଯିବାରୁ ସେ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ହସ୍‌ପିଟାଲକୁ ଅଣାଯାଇଥିଲା। ସେଠାରେ ବିଶ୍ୱନାଥଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



ନୂତନ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକରେ ନୂତନ ବିଡିଓ ଭାବେ ସୋମବାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଯୋଗ ଦେଇଛନ୍ତି। ସେ ପୂର୍ବତନ ବିଡିଓ ତ୍ରିଲୋଚନ ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାତ୍ରଙ୍କ ଭବାନୀପାଟଣା ବଦଳି ହୋଇଥିବାବେଳେ ଦଳେଇ କୋଟପାଡରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଲୋକଙ୍କ ମୌଳିକ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବା ସହ ପର୍ଯ୍ୟଟନକ୍ଷେତ୍ରର ବିକାଶ ଏବଂ ଏମ୍‌ଜିଏନ୍‌ଆରଇଜିଏସ୍‌ର ସଫଳତା ଦିଗରେ କାର୍ଯ୍ୟ କରିବି ବୋଲି କହିଛନ୍ତି ନୂତନ ବିଡିଓ ଦଳେଇ। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆକାଉଣ୍ଟସ୍ ଅଫିସର କ୍ଷେତ୍ରୀବର ଜାନୀ, ଏପିଓ କେଦାର ଚନ୍ଦ୍ର ପଣ୍ଡା, କୁଳମଣି ବେହେରା ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ବିଡିଓ ଦଳେଇ ୨୦୧୬ରେ କ.ନୂଆଗାଁ ବିଡିଓ ଭାବେ କାର୍ଯ୍ୟ କରିଛନ୍ତି। ସେତେବେଳେ ମେ'୨୦ ଠାରୁ ଜୁନ ୩୦ ପର୍ଯ୍ୟନ୍ତ ଦାରିଙ୍ଗବାଡ଼ି ଭାରପ୍ରାପ୍ତ ବିଡିଓ ଦାୟିତ୍ୱ ତୁଲାଇଥିଲେ।

# ବିଜେଡିର କାର୍ଯ୍ୟକାରିଣୀ ବୈଠକ

ଜି.ଉଦୟଗିରି,୧୬।୯(ଡି.ଏନ.ଏ.)

ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ଅପରାହ୍ନ ୩ଟାରେ କଳିଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲା ସଭାପତି ସରୋଜ କୁମାର କର୍ଣ୍ଣ ଅଧକ୍ଷତା କରିଥିଲେ। ବୈଠକରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଜିଲାବାସୀ ବିପୁଳ ସଂଖ୍ୟାରେ ମତଦାନ କରି ବିଜେଡିର ଏମ୍‌ପି ପ୍ରାର୍ଥୀଙ୍କ ସମେତ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିଥିବାରୁ କର୍ମୀ ଓ ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ଜିଲା ସଭ୍ୟ ସଂଗ୍ରହ ଦାୟିତ୍ୱରେ ଥିବା ବିଧାୟକ ପ୍ରତାପ ଦେବ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ କହିଥିଲେ। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ପୂର୍ବତନ ଏମ୍‌ପି ସୁଗ୍ରିବ ସିଂ, ପୂର୍ବତନ ଜି.ଉଦୟଗିରି ଏନ୍‌ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲା ସମ୍ପାଦକ କାଳୁଚରଣ ପଣ୍ଡାଙ୍କ ସମେତ ଜିଲାର ସମସ୍ତ ବ୍ଲକ ସଭାପତି, କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।




ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

## ମିଳିତ ନାଗରିକ ମଞ୍ଚ ବୈଠକ

ବାଲିଗୁଡ଼ା,୧୬।୯(ଡି.ଏନ୍.ଏ.)

ବାଲିଗୁଡ଼ା କଲ୍ୟାଣ ମଣ୍ଡପ ଠାରେ କନ୍ଧମାଳ ଜିଲା ମିଳିତ ନାଗରିକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ାର ବରିଷ୍ଠ ଆଇନଜୀବୀ କୌଶିକ୍ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏଥିରେ ଜିଲା ଆବାହକ ଅଶୋକ ପରିଡା, ଅରୁପ ଜେନା, ବିଜୟ ମହାନ୍ତି, ଭଗବାନ ଜେନା, ରାଜୁ ପାଢୀ, ପ୍ରକାଶ ନାୟକ, ପ୍ରମୋଦ ଦଣ୍ଡସେନା, ମାନସ ନାୟକ, ଭଗବତୀ ପ୍ରସାଦ ସାବତ, ନାରୟଣ ସାହୁ, ଭଗବାନ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଖବରଦାତା ଯୋଗ ଦେଇଥିଲେ।

## ସାରଙ୍ଗଗଡ଼ ଡିଗ୍ରୀ କଲେଜର ପ୍ରତିଷ୍ଠା ଦିବସ

କ.ନୂଆଗାଁ,୧୬।୯(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକ ସାରଙ୍ଗଗଡସ୍ଥିତ କନ୍ଧମାଳ ଡିଗ୍ରୀ ମହାବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଅଶୋକ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ସମ୍ମାନିତ ସଭ୍ୟଭାବେ ସମିତିସଭ୍ୟ ଜୟସେନ ପୂଜାରୀ, ବ୍ଲକ କୁଇ ସମାଜ ସଭାପତି ଦୁର୍ଲ୍ଲଭ ପ୍ରଧାନ, ମହାବିଦ୍ୟାଳୟର ଉପସଭାପତି ସଦାନନ୍ଦ ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ କମିଟି ସଭ୍ୟ ଚନ୍ଦ୍ରଶେଖର ଦାସ, ରୋହିତ ନାଏକ, କନ୍ଦର୍ପ ନାଏକ, ଅଶ୍ୱିନୀ କୁମାର ପାତ୍ର, ଗଙ୍ଗାଧର ପ୍ରଧାନ, ବିଜୟ ପ୍ରଦାନ ପ୍ରମୁଖ ଉପସ୍ଥିତ ଥିଲେ।




ମଞ୍ଚାସୀନ ଅତିଥିମାନେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ଯୋଗ୍ୟଙ୍କୁ ମିଳୁନି ଭତ୍ତା, ରାଶନ କାର୍ଡ

ଭଞ୍ଜନଗର,୧୬।୯(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ସୋମବାର ଭଞ୍ଜନଗରଠାରେ ଉପଖଣ୍ଡର ବିଭିନ୍ନ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଜଗନ୍ନାଥପ୍ରସାଦ ବ୍ଲକ ଚୁଡ଼ାଖାଇ, ହରଡ଼ାପଦରର ପ୍ରାୟ ୫୩ ଆଦିବାସୀ ପରିବାର ୧୯୭୩ ମସିହାରେ ସିଲିଂ ସମୟରେ ଜମି ପାଇଥିଲେ। ବିଗତ ୩ ବର୍ଷ ପୂର୍ବେ ଉକ୍ତ ଜମିକୁ କିଛିବ୍ୟକ୍ତି ଚଞ୍ଚକତା କରି ଜଣେ ବ୍ୟବସାୟୀଙ୍କୁ ବିକ୍ରିକରି ଦେଇଛନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଆଦିବାସୀମାନେ ଦାବି କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବଡ଼କୋଦଣ୍ଡାର ଜଣେ ଜମି ବ୍ୟବସାୟୀ ବେନିୟମ ଭାବେ କିଛି ଜମି ଜବରଦଖଲ କରି ରଖିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବଡ଼କୋଦଣ୍ଡା, ବାଉଁଶଲୁଣ୍ଡିର କିଛି ଲୋକ ଜିଲାପାଳଙ୍କୁ ଦାବି କରିଥିଲେ। ଅପରପକ୍ଷେ ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ଼, ଭତ୍ତା ଦେବା ପାଇଁ ପଦକ୍ଷେପ ନେଉଛନ୍ତି। କିନ୍ତୁ ତାହା ସଫଳ ହୋଇପାରୁନାହିଁ। ତଳସ୍ତରରେ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନଥିବା ଯୋଗୁ ଏହି ସମସ୍ୟା ଉପୁଜିଛି। ଅନେକ ଯୋଗ୍ୟ ହିତାଧିକାରୀ ଏବେବି ରାଶନ କାର୍ଡ଼ ଓ ଭତ୍ତା ପାଇ ପାରୁନାହାନ୍ତି। ଏହିଭଳି ସୋମବାର ଅଭିଯୋଗ ଶୁଣାଣିରେ ଅଧିକାଂଶ ରାଶନକାର୍ଡ଼ ଓ ଭତ୍ତା ପାଇବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଅଭିଯୋଗ ଶୁଣାଣି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡ଼ିପିଓ ଏସ୍. ମିଶ୍ର, ଜିଲା କୃଷି ଅଧିକାରୀ ଅର୍ଜୁନ ବିଷୋୟୀ, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ, ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଦୀନମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ସ୍ବଚ୍ଛ ଭାରତ, ରୋଗୀଙ୍କୁ ଫଳ ବଣ୍ଟନ। ସ୍ଥାନ-ସିଟି ହସ୍‌ପିଟାଲ୍ । ସମୟ-ପୂର୍ବାହ୍ନ ୯ଟା ୫୫ମିନିଟ୍ ।
- ବିଶ୍ୱକର୍ମା ପୂଜା। ସ୍ଥାନ-ହରିଡ଼ାଖଣ୍ଡି ରୋଡ୍ । ସମୟ-ପୂର୍ବାହ୍ନ ସାଢ଼େ ୧୦ଟା ।
- ବିଶ୍ୱକର୍ମା ପୂଜା। ସ୍ଥାନ-ବିଏମ୍‌ସି କାର୍ଯ୍ୟାଳୟ । ସମୟ-ପୂର୍ବାହ୍ନ ୧୧ଟା ।
- ଜ୍ୟୋତିର୍ବିଦ ପ୍ରମୋଦ ପାତ୍ରଙ୍କୁ ସମ୍ବର୍ଦ୍ଧନା। ସ୍ଥାନ-ଗଞ୍ଜାମ କଳା ପରିଷଦ। ସମୟ-ସନ୍ଧ୍ୟା ସାଢ଼େ ୬ଟା ।

# ଜିଲା ଶ୍ରମ ଅଫିସ ଆଗରେ ବିକ୍ଷୋଭ ସମାବେଶ

**ବ୍ରହ୍ମପୁର ଅଫିସ,୧୬।୯**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ୟୁନିୟନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସୋମବାର ବ୍ରହ୍ମପୁରସ୍ଥ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସମାବେଶ କରାଯାଇଥିଲା। କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ମୌଳିକ ସମସ୍ୟା ସମାଧାନ ଏବଂ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ମଜୁରି ପ୍ରଦାନ ସମେତ ୧୦ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। ବହୁ ସଂଖ୍ୟକ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ । ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କୁ ଦିଆଯାଇଥିଲା ।

ଦାବିଗୁଡ଼ିକ ମଧ୍ୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ସରକାର ଦେଉଥିବା ପ୍ରାପ୍ୟର ଏକ ପଞ୍ଚମାଂଶ ଅର୍ଥାତ୍ ୧୮% ଜିଏସ୍‌ଟି ବାବଦରେ ସମ୍ପୃକ୍ତ ଏଜେନ୍ସି କାଟି ଦେଉଛି। ତେଣୁ ଆଉଟସୋର୍ସିଂ ବ୍ୟବସ୍ଥାରୁ ଜିଏସ୍‌ଟିକୁ ବାଦ ଦେବା, ବର୍ତ୍ତମାନ ବଜାର ଦରକୁ ଦୃଷ୍ଟିରେ ରଖି ମଜୁରି ବୃଦ୍ଧି, ପ୍ରତି ମାସ ପ୍ରଥମ ସପ୍ତାହ ସୁଦ୍ଧା ମଜୁରି ପ୍ରଦାନକୁ ନିଶ୍ଚିତ କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ। ସେହିପରି ଏଜେନ୍ସି ବଦଳିଲେ ପୂର୍ବ ଏଜେନ୍ସି ଦ୍ୱାରା କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ରଖାଯିବା, ଏଜେନ୍ସି ଦ୍ୱାରା ସଂଗୃହୀତ ଇପିଏଫ ଟଙ୍କା ନିୟମିତ ଓ ଠିକଣା ଭାବେ ଜମା ହେବାର ବ୍ୟବସ୍ଥା କରାଯିବା, ଇଏସ୍‌ଆଇ ସୁବିଧା ଉପଲବ୍ଧ ପାଇଁ ମଧ୍ୟ ଦାବି ପତ୍ରରେ ଦର୍ଶାଯାଇଛି।

ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟଗୁଡିକରେ ରାତ୍ର ଜଗୁଆଳିଙ୍କୁ ଝାଡୁଦାର ଦାୟିତ୍ୱକୁ ସଂଘ ବିରୋଧ କରିଛି। ପୃଥକ କର୍ମଚାରୀ ନିୟୋଜିତ କରାଯିବା, ସରକାରୀ କର୍ମଚାରୀଙ୍କ ଭଳି ଛୁଟି ବ୍ୟବସ୍ଥା, ସାମାଜିକ ସୁରକ୍ଷା ବ୍ୟବସ୍ଥାନୁସାରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ବୀମାଭୁକ୍ତ ସହ ପେନସନ ବ୍ୟବସ୍ଥା କରାଯିବା ଏବଂ ମହିଳା ଆଉଟସୋର୍ସିଂ କର୍ମଚାରୀଙ୍କୁ ସବେତନ ମାତୃତ୍ୱ ଛୁଟି ପାଇଁ ମଧ୍ୟ ସଂଘ ଦାବି କରିଛି । ଆନ୍ଦୋଳନର ନେତୃତ୍ୱ ଜିଲା ସଭାପତି ପୂର୍ଣ୍ଣପ୍ରିୟା ପାତ୍ର, ସମ୍ପାଦକ ପ୍ରଶାନ୍ତ ପରିଚ୍ଛା, ଯୁଗ୍ମ ସମ୍ପାଦକ ବଳରାମ ପାତ୍ର ଓ ଗଣେଶ ସାହୁ ନେଇଥିଲେ ।


ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ମାନବିକତା ହରାଉଛନ୍ତି ଜୁନିଅର ଡାକ୍ତର



ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୬।୯**

ମେଡିକାଲରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଡାକ୍ତରଙ୍କ ସଂଘବଦ୍ଧ ଆକ୍ରମଣ ଓ କଥା କଥାରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଦୃଢହସ୍ତରେ ଦମନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ମାନବ ଅଧିକାର ସୁରକ୍ଷା ମଞ୍ଚ ଏବଂ ଗଣମାଧ୍ୟମ ପ୍ରତିନିଧି। ସୋମବାର ଏନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୦୫ତମ ଘଣ୍ଟଯାତ୍ରା ଓ ଗଣବିକ୍ଷୋଭ କରାଯାଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସାସ୍ଥ୍ୟାବସ୍ଥାକୁ ସଜାଡ଼ିବା ପରିବର୍ତ୍ତେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କିଛି ବର୍ଷ ହେଲା ଜୁନିଅର ଡାକ୍ତରମାନେ ସଂଘବଦ୍ଧ ଆକ୍ରମଣ କରୁଛନ୍ତି। ଏଭଳି ଘଟଣା ନିୟମିତ ଭାବେ ବଢ଼ିଚାଲିଛି। କେତେକ ଜୁନିୟର୍ ଡାକ୍ତର ମାନବିକତା ହରାଇଲେଣି। ଚିକିତ୍ସାସେବାରେ ଅବହେଳା ବିଷୟରେ ଡାକ୍ତରଙ୍କୁ ଜଣାଇଲେ ପ୍ରତିବଦଳରେ ଅସଦ୍ ବ୍ୟବହାର ଓ ଆକ୍ରମଣର ଶିକାର ହେବାକୁ ପଡୁଛି । ମିଥ୍ୟା ମକଦ୍ଦମ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଭଳି ଅମାନବୀୟ କାର୍ଯ୍ୟକରି ସରକାରଙ୍କୁ ଭୟଭୀତ କରି ନିଜପକ୍ଷକୁ ନେବା ଯୋଗୁ ଡାକ୍ତରୀ ପେସାର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି। କଥା କଥାରେ କାର୍ଯ୍ୟବନ୍ଦ କରି ରୋଗୀ ସେବାରେ ଅବହେଳା କରିବା ଓ ରୋଗୀ ତାଙ୍କ ସମ୍ପର୍କୀୟଙ୍କ ସୁରକ୍ଷା ପାଇଁ ଦୃଢ ପଦକ୍ଷେପ ନେବା ଦାବିନେଇ ସୋମବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଲୋକଙ୍କୁ ଚିକିତ୍ସାସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏମ୍‌କେସିଜି ମେଡିକାଲକୁ ସଜାଡ଼ିବା ପାଇଁ ଲୋକଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ମଞ୍ଚ ଆବାହକ ଅବନୀ ଗୟା, ମନୋଜ କୁମାର ତରାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମହେଶ୍ୱର ବାଡ଼ତ୍ୟା, କବିରାଜ ସେଠୀ, ଆଶିଷ କୁମାର ସାହୁ, ଗଗନ ଚନ୍ଦ୍ର ମଲ୍ଲିକ, ବଂଶୀଧର ଭୂୟାଁ, ଏସ୍. ସମ୍ବାଶିବ ରାଓ, ଗୌରୀ ଶଙ୍କର ମହାନ୍ତି, ଅଭି ପ୍ରଧାନ, ହୃଷୀକେଶ ପାତ୍ର ଓ ମାଗୁଣି ନାହାକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ସଂସ୍କୃତ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ,୧୬।୯:** ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଞ୍ଜାମ ମଣ୍ଡଳ ଶାଖା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ପଣ୍ଡିତ ବିନାୟକ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପଣ୍ଡିତ ଉପେନ୍ଦ୍ରନାଥ ମିଶ୍ର ସଂସ୍କୃତର ପ୍ରଚାର ପ୍ରସାର ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ହୋତା ଏବଂ ପୂର୍ବତନ ସମ୍ପାଦକ ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ ଯୋଗଦେଇ ସଂସ୍କୃତ ଭାଷାର ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପଣ୍ଡିତ ଦୁର୍ଗାଚରଣ ମିଶ୍ର, ପଣ୍ଡିତ ଗୌରୀ କୁମାର ମିଶ୍ର ଏବଂ ପଣ୍ଡିତ ଏସ୍. ରାଧାକୃଷ୍ଣ ପାତ୍ର ଉପଦେଷ୍ଟା ଭାବେ ଯୋଗଦେଇଥିଲେ। କୋଷାଧକ୍ଷ ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ ବ୍ଲକ ସଂଗଠନକୁ ପୁନର୍ଗଠିତ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଅକ୍ଟୋବର ୨୦ରେ ସ୍ଥାନୀୟ ଗୋକୁଳଧାମରେ ଆଗାମୀ କାର୍ଯ୍ୟକାରିଣୀ ବୈଠକ ଆୟୋଜନ ନେଇ ନିଷ୍ପତ୍ତି ନିଆଯାଇଥିଲା। ପଣ୍ଡିତ ମାମି ସାହୁ ଧନ୍ୟବାଦ ଦେଇଥିଲେ ।

# ସଶକ୍ତୀକରଣ ରାସ୍ତା ଦେଖାଇଲା 'ଜଜ୍‌ବା'


କର୍ମଶାଳାରେ ଭାଗ ନେଇଥିବା ଯୁବତୀ ଯୁବକମାନେ ।

**ବ୍ରହ୍ମପୁର ଅଫିସ,୧୬।୯**

ଦୃଢ଼ମନା ଯୁବପିଢ଼ିଙ୍କ ବିନା କୌଣସି ଦେଶ ସଶକ୍ତ ହୋଇପାରିବ ନାହିଁ। ଏଣୁ ଅଧିକରୁ ଅଧିକ ଯୁବତୀ ଯୁବକଙ୍କୁ ସଶକ୍ତୀକରଣ କରାଇବାର ଆବଶ୍ୟକତା ରହିଛି। ଯୁବପିଢ଼ି ଭବିଷ୍ୟତକୁ ନେଇ ସତର୍କ ଥିବା ବେଳେ ସେମାନଙ୍କୁ ଦରକାର ଉପଯୁକ୍ତ ମାର୍ଗଦର୍ଶନ। ଯୁବପିଢ଼ିଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ସହ ସଶକ୍ତ କରାଇବା ଉଦ୍ଦେଶ୍ୟରେ ନିଷ୍ଟରେ ସୋମବାର 'ଜଜ୍‌ବା' ଆୟୋଜିତ ହୋଇଯାଇଛି। ନିଷ୍ଟ ସହଯୋଗରେ ତଥା ଇଣ୍ଡିଆନ୍ ଇନୋଭେସନ୍ ଆଣ୍ଡ ଏଣ୍ଟ୍ରେପ୍ରିନିୟରଶିପ୍(ଆଇଆଇଇସିସି) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର, ଦିଲ୍ଲୀ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩ଶହରୁ ଅଧିକ ଯୁବତୀ ଯୁବକ ଭାଗ ନେଇଥିଲେ।

ଦେଶର ଯୁବପିଢ଼ି ବର୍ତ୍ତମାନ ବେକାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ନିଯୁକ୍ତି ସୁଯୋଗ ଖୋଜୁ ଥିଲେ ମଧ୍ୟ ପାଉନାହାନ୍ତି । ସେଥି ପାଇଁ ଅନେକ ନିଜ ସହର ଛାଡ଼ି ଆଉ ଏକ ସହରରେ ଯାଇ ଚାକିରି କରୁଛନ୍ତି। ସେହିଭଳି ବୈଷୟିକ ଶିକ୍ଷା ଜରିଆରେ ଯୁବପିଢ଼ି କ୍ୟାରିୟର ଗଢ଼ିବାକୁ ଉଦ୍ୟମ କରୁଛନ୍ତି । ହେଲେ ବୈଷୟିକ ଶିକ୍ଷା ଏବଂ ସାଧନର ଅଭାବ ଯୋଗୁ ସେମାନେ ଉପଯୁକ୍ତ କ୍ୟାରିୟର୍ ଗଠନ କରିପାରୁନାହାନ୍ତି । ନିଜ ସ୍ୱପ୍ନ ପୂରଣ କରିପାରୁ ନାହାନ୍ତି । ଆଗକୁ ବଢ଼ିପାରୁ ନାହାନ୍ତି । ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନ ଦ୍ୱାରା କିଭଳି କ୍ୟାରିୟର ଗଠନ କରାଯାଇପାରିବ, ସେ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଏଥି ସହ ସେମାନଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱକୁ ଦୂର କରାଯାଇଥିଲା । ଜଣାଶୁଣା ଟେକ୍ନୋକ୍ରାଟ୍ ଗୁରୁ ତଥା ଆଇଆଇଇସିର ଅଧକ୍ଷ ବିମଳ ଡାଗା, କେ.ପି. ଡାଗା, ନିଷ୍ଟର ଅନ୍ୱେଷା ରଥ, ଭଗବତୀ ପ୍ରସାଦ ପଟ୍ଟନାୟକ ଓ ସୋମ୍ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ବିମଳ ଡାଗା କହିଥିଲେ, ୨୦୨୦ ସୁଦ୍ଧା ବିଶ୍ୱର ସର୍ବାଧିକ ଯୁବପିଢ଼ି ଭାରତରେ ଥିବେ । ସେମାନଙ୍କୁ ଦେଶ ବିକାଶରେ ସାମିଲ କରାଯାଇ ପାରିବ। ହେଲେ ସେମାନଙ୍କୁ ଆତ୍ମନିର୍ଭରଶୀଳ, ମାର୍ଗଦର୍ଶନ ଏବଂ ତାଲିମ ଆବଶ୍ୟକ । ଆମ ଦେଶର ଯୁବତୀ ଯୁବକମାନେ ଖୁବ୍ ପ୍ରତିଭାଧାରୀ। ବିଶେଷକରି ଆର୍ଥିକ ଅନଗ୍ରସର ଯୁବତୀଯୁବକଙ୍କ ପାଖରେ ପ୍ରତିଭା ଥିଲେ ମଧ୍ୟ ସାଧନା ନାହିଁ । ଏଣୁ ପ୍ରତ୍ୟେକ ଯୁବତୀଯୁବକଙ୍କୁ କ୍ୟାରିୟର ଗଠନ ସମ୍ପର୍କିତ ତାଲିମ୍ ଏବଂ ପରାମର୍ଶ ଦେବା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜୟପୁର ପରେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

## ଲେଖିକା ସଂସଦର ପୂର୍ଣ୍ଣିମା ଆସର

**ବ୍ରହ୍ମପୁର ଅଫିସ,୧୬।୯**

ଓଡ଼ିଶା ଲେଖିକା ସଂସଦ ବ୍ରହ୍ମପୁର ଶାଖାର ପୂର୍ଣ୍ଣିମା ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଆବାହିକା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ଅମିୟବାଳା ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ପୁଷ୍ପାଞ୍ଜଳି ପଟ୍ଟନାୟକ, ସୌଦାମିନୀ ମିଶ୍ର, ଡ଼. ସୂଚନା ପାଢ଼ୀ, ଜ୍ୟୋସ୍ନାରାଣୀ ସ୍ୱାଇଁ, ପଦ୍ମିନୀ ମିଶ୍ର, ଜ୍ୟୋସ୍ନାରାଣୀ ପଣ୍ଡା, ସ୍ୱର୍ଣ୍ଣମୟୀ ପାଢ଼ୀ, ସରୋଜିନୀ ସାହୁ, ରଞ୍ଜିତା ରାଣୀ ଦାଶ ପ୍ରମୁଖ ଅଂଶଗ୍ରହଣ କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଆବାହିକା ପାଢ଼ୀ କବିତାଗୁଡ଼ିକୁ ଗୀତରେ ଗୀତରେ ସଂଯୋଜନା କରିଥିଲେ । ଏହି ଅବସରରେ ବରିଷ୍ଠ ଲେଖିକା ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ନାତି ପାଇଁ ନୀତିଗୀତି' ଶିଶୁ କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। ସୁଧାଞ୍ଜଳି ମିଶ୍ର ଭଜନ ପରିବେଷଣ କରିଥିବା ବେଳେ ରଞ୍ଜିତା ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସିଏ ଭୋଟର ତାଲିକାରେ ରହିଲା ଅଶୋକଙ୍କ ନାମ

**ବ୍ରହ୍ମପୁର ଅଫିସ,୧୬।୯**

ଓଡ଼ିଶା କ୍ରିକେଟ ସଂଘ(ଓସିଏ)ର ପଦାଧିକାରୀ ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇଛି । ଗଞ୍ଜାମ ଜିଲା କ୍ରିକେଟ ସଂଘ(ଜିଡିସିଏ) ପକ୍ଷରୁ ଏହି ଭୋଟର୍ ତାଲିକାରେ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନାମ ରହିଛି । ପ୍ରତ୍ୟେକ ଜିଲା ପାଇଁ ଜଣେ ଭୋଟର୍ ରହିଥିବା ବେଳେ ଗଞ୍ଜାମ ଜିଲାରୁ ଭୋଟ୍ ଦେବେ ଅଶୋକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଭୋଟର୍ ତାଲିକାରେ ଅଶୋକଙ୍କ ନାମ ରହିଥିଲା । କିନ୍ତୁ ସଭାପତି ରମେଶ ଚନ୍ଦ୍ର ପାତ୍ର ଏହାକୁ ବିରୋଧ କରିଥିଲେ । ଅଶୋକଙ୍କ ନାମ ତାଲିକାରୁ ହଟାଇ ତାଙ୍କ ନାମ ରଖିବାକୁ ସେ ଓସିଏ ନିର୍ବାଚନ ଅଧିକାରୀ ଏମ୍.ଏଲ୍. ମଜୁମଦାର୍, ବିସିସିଆଇ ପାଇଁ ସୁପ୍ରିମ୍‌କୋର୍ଟ ପକ୍ଷରୁ ନିଯୁକ୍ତ ଆମିକଶ୍‌କ୍ୟୁରୀ ପି.ଏସ୍. ନରସିଂହାଙ୍କୁ ଚିଠି ଲେଖିଥିଲେ। ରବିବାର ସମ୍ପାଦକ ଅଶୋକ ଏବଂ ଆଇନ୍‌ଜୀବୀ ଶ୍ରୀକାନ୍ତ ପଟ୍ଟନାୟକ ଓସିଏ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ସମସ୍ତ ଦସ୍ତାବିଜ ରଖିଥିଲେ । ଏଣୁ ରମେଶଙ୍କ ଆପତ୍ତି ନାକଚ ହୋଇଯାଇଥିଲା । ଫଳରେ ଅଶୋକଙ୍କ ନାମ ଚୂଡ଼ାନ୍ତ ଭୋଟର୍ ତାଲିକାରେ ପ୍ରକାଶ ପାଇଥିଲା ।

## ଚାରାରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧୬।୯:**ବିଜୁ ଯୁବବାହିନୀ ୩୨ନଂ ୱାର୍ଡ଼ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଗୋଇଲୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ କର୍ପୋରେଟର୍ ମମତା ପାତ୍ର, ତ୍ରିପତି ପାତ୍ର, ବିଜୁ ଯୁବ ବାହିନୀ ବ୍ରହ୍ମପୁର ମହାନଗର ଯୁବ ସଂଯୋଜକ ଜେ.ଚନ୍ଦ୍ରଶେଖର, ୱାର୍ଡ଼ ସଂଯୋଜକ ମଧୁସୂଦନ ପାଢ଼ୀ, ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସମସ୍ତ ଅତିଥି, ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ରାଲିରେ ବିଭିନ୍ନ ସ୍ଲୋଗାନ ଦେଇ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ ।

## ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନ କଲେ ଏସ୍‌ପି

# ୧୪ ସ୍ଥାନରେ ହେବ ଟ୍ରାଫିକ ପୋଷ୍ଟ

**ବ୍ରହ୍ମପୁର ଅଫିସ,୧୬।୯**

ବ୍ରହ୍ମପୁର ମହାନଗର ଏକ ପୁରାତନ ସହର। ଏଠାକାର ଟ୍ରାଫିକ ସମସ୍ୟା ମଧ ବହୁ ପୁରାତନ। ଏବେ ଏହାର ସମାଧାନ ଓ ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ନେଇ ସେପ୍ଟେମ୍ବର ୧ରୁ ନୂତନ ଟ୍ରାଫିକ ନିୟମ ବ୍ୟବସ୍ଥା କଡାକଡି ଭାବେ ଲାଗୁ ହୋଇଛି। ଏହାକୁ ନେଇ ଜନସାଧାରଣ ଏବେ କେତେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ନିଜ ନିଜ ଯାନବାହନ କାଗଜପତ୍ର ସଜାଡ଼ିବା ପାଇଁ ସରକାର ୩ ମାସ ସମୟ ଦେଇଛନ୍ତି। ନୂଆ ଟ୍ରାଫିକ ନିୟମ ସମ୍ପର୍କରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୋମବାର ସହରର ବିଭିନ୍ନ ଛକରେ ଛିଡା ହୋଇ ଲୋକମାନଙ୍କୁ ସଚେତନ କରିଥିଲେ। ଲୋକଙ୍କ ଧନ ଜୀବନ ସୁରକ୍ଷିତ ରଖିବା ପାଇଁ ବିଶେଷ କରି ଗାଡିଚାଳକମାନେ ଯଥେଷ୍ଟ ଧ୍ୟାନ ଦେବାକୁ ସେ କହିଥିଲେ। ସେହିପରି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବ। ଏଣୁ ଏସ୍‌ପି ମିଶ୍ର ସହରର ୧୪ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିଛନ୍ତି। ସେଗୁଡିକ ହେଲା କୋର୍ଟପେଟା ଛକ, ଟାଟା ବେଞ୍ଚ ଛକ, ସୁବାରାଓ ଛକ, ଖଲ୍ଲିକୋଟ କଲେଜ ଛକ, ପିଭିଏନ୍ ରାଓ ଛକ, ଗିରିଜା ଛକ, ସିଲା ପେଟ୍ରୋଲ ପମ୍ପ ଛକ, କର୍ପୋରେଶନ ଛକ, ଅନ୍ଧପସରା ଛକ, ବିଜୟା ହଲ୍ ଛକ, ଫାଷ୍ଟଗେଟ୍ ଛକ, ଗେଟ୍‌ବଜାର ଛକ, ଲାଞ୍ଜିପଲ୍ଲୀ ଛକ ଓ ହଳଦିଆପଦର ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ହେବ। ସେଠାରେ ଟ୍ରାଫିକ ପୋଲିସ ମୁତୟନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ଏସ୍‌ପି ମିଶ୍ରଙ୍କ ସହ କ୍ରାଇମ ଡିଏସ୍‌ପି ରାମକୃଷ୍ଣ ପତି ଓ ଟ୍ରାଫିକ ଥାନାଧିକାରୀ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ନୂଆ ଟ୍ରାଫିକ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି ଏସ୍‌ପି ।

# ଗୁରୁତ୍ୱ ହରାଉଛି ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ

**ବ୍ରହ୍ମପୁର ଅଫିସ,୧୬।୯**




**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- ଅତିଥି ଅଧ୍ୟାପକଙ୍କ ଭରସାରେ ୪୫ ବର୍ଷର ବିଭାଗ
- ଖାଲିପଡ଼ିଛି ପ୍ରଫେସର, ରିଡର, ଅଧ୍ୟାପକ ପଦବୀ
- ବନ୍ଦ ହୋଇଛି ଭଞ୍ଜବାଣୀ ରେଡିଓ
- ନାମ ଲେଖାରୁ ମୁହଁ ଫେରାଉଛନ୍ତି ଛାତ୍ରୀଛାତ୍ର

ସାମ୍ବାଦିକତା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖୋଲିଥିଲା ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଅଣଦେଖା ଯୋଗୁ ଏ ବିଭାଗ ଶ୍ରୀହୀନ ହେବାକୁ ବସିଲାଣି। ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ନିୟମିତ ଅଧ୍ୟାପକ ଓ ପ୍ରଫେସର ପଦବୀ ଖାଲି ପଡିଛି। ଏବେ ଏହି ବିଭାଗ ଦୁଇ ଅତିଥି ଅଧ୍ୟାପକଙ୍କ ଭରସାରେ କାର୍ଯ୍ୟ କରୁଛି । ଫଳରେ ସାମ୍ବାଦିକତା କ୍ଷେତ୍ରରେ କ୍ୟାରିୟରକୁ ନେଇ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଉଥିବା ଅଭିଯୋଗ ହୋଇଛି । ୪ ବର୍ଷ ମଧ୍ୟରେ ଅଧ୍ୟାପକ, ପ୍ରଫେସର ପଦବୀ ପୂରଣ ନେଇ ବହୁବାର ଦାବି କରାଯାଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । କୁଳପତି ବଦଳୁ ଥିଲେ ମଧ୍ୟ ଅତିଥି ଅଧ୍ୟାପକ ଚୟନରେ ତ୍ରୁଟି ଓ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ପଦକ୍ଷେପ ନିଆଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

୧୯୭୪ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜ୍ୟର ପ୍ରଥମ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଖୋଲାଯାଇଥିଲା । ଏଥିପାଇଁ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଅଧିକାର କରିଥିଲା । କିନ୍ତୁ ୨୦୧୪ ଜୁଲାଇରେ ପ୍ରଫେସର ଡ. ଜାମୁଲା ଶେଷ ଗିରି ରାଓ, ୨୦୧୫ ଜୁଲାଇରେ ପ୍ରଫେସର ସୁନୀଲ ବେହେରା ଏବଂ ସେହି ବର୍ଷ ଅକ୍ଟୋବରରେ ପ୍ରଦୀପ୍ତ ମହାପାତ୍ରଙ୍କ ଅବସର ଗ୍ରହଣ ପରେ ଏହି ବିଭାଗରେ ଅଧ୍ୟାପକ ଓ ପ୍ରଫେସର ପଦବୀ ଶୂନ୍ୟ ହୋଇଯାଇଛି । ବିଭାଗରେ ଖାଲି ଥିବା ନୂତନ ଅଧ୍ୟାପକ, ପ୍ରଫେସର ପଦବୀ ପୂରଣ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସରକାରଙ୍କ ଅବହେଳା ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ଶ୍ରୀହୀନ ହେବାକୁ ବସିଛି । ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି କରି କାମଚଳା ନୀତିରେ ବିଭାଗକୁ ପରିଚାଳିତ କରି ଅସୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ବିଭାଗ ପ୍ରଫେସର, ୨ ରିଡର ସହ ୪ ଅଧ୍ୟାପକ ପଦବୀ ଖାଲିପଡିଛି। ମାତ୍ର ଦୁଇ ଅତିଥି ଅଧ୍ୟାପକଙ୍କ ଭରସାରେ ଏହି ବିଭାଗ କାର୍ଯ୍ୟ କରୁଛି । ବିଭାଗରେ ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ପାଇଁ ଆବଶ୍ୟକ କମ୍ପ୍ୟୁଟର ଲ୍ୟାବ, ଏଡିଟିଂ ଲ୍ୟାବ, ଭିଡିଓଗ୍ରାଫି ଲ୍ୟାବ ନ ଥିବା ବେଳେ କର୍ମଚାରୀ ତଥା ପରିଚାଳକ ଅଭାବରୁ ଭଞ୍ଜବାଣୀ ରେଡିଓ ମଧ୍ୟ ବନ୍ଦ ହୋଇଯାଇଛି । ପାଠ ପଢାଇବାକୁ ଅଭିଜ୍ଞ ପ୍ରଫେସର, ଅଧ୍ୟାପକଙ୍କ ଅଭାବ ଯୋଗୁ ଗତ ୩ ବର୍ଷ ଧରି ବିଭାଗରେ ଛାତ୍ରୀଛାତ୍ର ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଫଳରେ ଏବେ ଆଧା ସିଟ ଖାଲି ପଡୁଛି । ଗତ ୨ ବର୍ଷ ନାମଲେଖା ତାଲିକା ଅନୁଯାୟୀ, ୨୦୧୮-୧୯ ଶିକ୍ଷାବର୍ଷରେ ସମୁଦାୟ ୫୦ ସିଟରୁ ୨୪ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ୨୦୧୯-୨୦ରେ ୨୬ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

ଅନ୍ୟପଟେ ଚଳିତ ବର୍ଷ ଅତିଥି ଅଧ୍ୟାପକଙ୍କ ଚୁକ୍ତିନାମାରେ ବିଳମ୍ବ ଯୋଗୁ ଜୁଲାଇ ୧୦ ପରିବର୍ତ୍ତେ ମାସେ ପରେ ଦ୍ୱିତୀୟ ବର୍ଷ ୩ୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପଢା ଆରମ୍ଭ ହୋଇଥିବା ମଧ ଜଣାପଡିଛି। ଏହାବ୍ୟତୀତ ବିଗତ ବର୍ଷର ଚତୁର୍ଥ ସେମିଷ୍ଟର, ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବା ଦୃଷ୍ଟିକୁ ଆସିଛି । ପ୍ରଶିକ୍ଷିତ, ଯୋଗ୍ୟତା ସମ୍ପନ୍ନ ଅଧ୍ୟାପକ ନିଯୁକ୍ତି ପରିବର୍ତ୍ତେ ଅନ୍ୟ ବିଭାଗ ଅଧ୍ୟାପକଙ୍କୁ ଏହି ବିଭାଗ ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟ ନିଯୁକ୍ତ କରୁଛି । ଫଳରେ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ଜଟିଳ ହେଉଥିବା ଛାତ୍ରୀଛାତ୍ରମାନେ କହିଛନ୍ତି । ଏହାର ତୁରନ୍ତ ସମାଧାନ ନ ହେଲେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

### ଛାତ୍ରମାନେ ଯାହା କୁହନ୍ତି...


"ବିଭାଗରେ ଅଧ୍ୟାପକ ନ ଥିବାରୁ କେବଳ ଥିଓରି କ୍ଲାସ ହେଉଛି, ପ୍ରାକ୍ଟିକାଲ ହେଉନି। ଦୁଇବର୍ଷ ବିତିବାକୁ ଯାଉଥିଲେ ମଧ୍ୟ କୌଣସି ପ୍ରାକ୍ଟିକାଲ ହୋଇନି। ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି କରାଯାଉ ଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି । ଫଳରେ ସେମିନାର କରାଯାଉନି । ଗୋଟିଏ ସେମିଷ୍ଟରର ଏଯାଏ ଫଳ ବାହାରିନି । ଫଳରେ ଭବିଷ୍ୟତକୁ ନେଇ ଏବେ ଚିନ୍ତା ଲାଗୁଛି ।
**– ଲକ୍ଷ୍ମୀକାନ୍ତ ମହାନ୍ତି, ଦ୍ୱିତୀୟ ବର୍ଷ ଛାତ୍ର**


"ବିଭାଗରେ ଅଧ୍ୟାପକ ସମସ୍ୟା ଲାଗି ରହିଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ଅଣଦେଖା କରୁଛନ୍ତି । ଦୁଇ ଅତିଥି ଅଧ୍ୟାପକ ନିଯୁକ୍ତ କରି ଦାୟିତ୍ୱ ସାରୁଛନ୍ତି । ଫଳ ଠିକ୍ ସମୟରେ ପ୍ରକାଶ ପାଉ ନାହିଁ। ଭବିଷ୍ୟତ ଅନ୍ଧାର ଜଣାପଡୁଛି । ଏଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଦିନ ଆସିବ ବିଭାଗ ଥିବ କିନ୍ତୁ ଛାତ୍ର ନ ଥିବେ ।
**–ତୁତୁନ ପାତ୍ର, ଦ୍ୱିତୀୟ ବର୍ଷ ଛାତ୍ର**


"ପଢା ଗତ ୨୯ରୁ ଆରମ୍ଭ ହୋଇଛି । ୨ ଜଣ ଅତିଥି ଅଧ୍ୟାପକଙ୍କ ଦ୍ୱାରା ସମସ୍ତ କ୍ଲାସ ନେବା ସମ୍ଭବ ହୋଇପାରୁ ନ ଥିବାରୁ ସମସ୍ତ ବିଷୟରେ ଜ୍ଞାନ ଆହରଣ ଯଥେଷ୍ଟ ହେଉ ନାହିଁ । ଭଞ୍ଜ ବାଣୀ ରେଡିଓ ଷ୍ଟୁଡିଓ ବନ୍ଦ ହେବା ଫଳରେ ପ୍ରାକ୍ଟିକାଲ ଦିଗରେ ଧାରଣା ରହୁନି । ଏଠାରେ ଅଧ୍ୟୟନ ସରିବା ପରେ ନିଯୁକ୍ତି କ୍ଷେତ୍ରକୁ ନେଇ ଏବେଠୁ ଚିନ୍ତା ଲାଗୁଛି ।
**–ପୁଷ୍ପେନ୍ଦୁ ସାହୁ, ପ୍ରଥମ ବର୍ଷ ଛାତ୍ର**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୧୯ Berhampur, Tuesday, September 17/ 2019

## ସଂକ୍ଷେପରେ

### ଗଣେଶ ବିସର୍ଜନ ବେଳେ ଆକ୍ରମଣ, ଥାନାରେ ଏତଲା

**କନିଷି,୧୬।୯(ଡି.ଏନ.ଏ.):** କନିଷି ବ୍ଲକ ରାଳବ ଗ୍ରାମର ସମସ୍ତେ ଶୁକ୍ରବାର ସନ୍ଧ୍ୟାରେ ଗଣେଶ ବିସର୍ଜନ କରୁଥିବା ବେଳେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଏକ ଅଟୋକୁ ଠେଙ୍ଗାରେ ବାଡ଼େଇ ଭାଙ୍ଗି ଦେଇଥିଲେ। ପରେ ରାଳବ ଗାଁର ବି. ଧର୍ମା ପାତ୍ରଙ୍କ ମୁଣ୍ଡ ଉପରେ ପାହାର ପକାଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ୧୪ଟି ସିଲେଇ ପଡ଼ିଥିଲା। ଏଥିସହ ସମ୍ପୃକ୍ତ ଯୁବକ ପୁଣି ନାଚୁଥିବା ୩ ଜଣ ପିଲାଙ୍କ ଉପରେ ଆକ୍ରମଣ କରିଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ଏକ ଏତଲା ଦିଆଯାଇଛି। କିନ୍ତୁ ବର୍ତ୍ତମାନ ଯାଏ ଆକ୍ରମଣକାରୀ ପୋଲିସ ହାତରେ ଧରାପଡ଼ିନାହାଁନ୍ତି।

### ପବ୍ଲିକ ସ୍କୁଲରୁ ଚୋରି ଉଦ୍ୟମ

**ଛତ୍ରପୁର,୧୬।୯(ଡି.ଏନ.ଏ.):** ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲରୁ ରବିବାର ସନ୍ଧ୍ୟାରେ ଚୋରି ଉଦ୍ୟମ ହୋଇଥିବା ନେଇ ଥାନାରେ ସ୍କୁଲ କର୍ତ୍ତୃପକ୍ଷ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ସନ୍ଧ୍ୟାରେ କେହି ନ ଥିବାର ସୁଯୋଗ ନେଇ ସ୍କୁଲରେ କେତେଜଣ ଦୁର୍ବୃତ୍ତ ପଶି କମ୍ପ୍ୟୁଟର ରୁମ୍ ତାଲା ଭାଙ୍ଗିବାକୁ ଉଦ୍ୟମ କରିଥିଲେ। କେତେକ ବିଦ୍ୟୁତ୍ ବୋର୍ଡ ଓ ଲାଇଟ୍ ମଧ ଭଙ୍ଗାଯାଇଛି। ରାତିରେ ଜଗୁଆଳି ଆସି ଏହା ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଅନୁଧାନ କରିଛି।

### କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଛତ୍ରପୁର,୧୬।୯(ଡି.ଏନ.ଏ.):** ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟ ପକ୍ଷରୁ ଛତ୍ରପୁର ଷ୍ଟାଡିୟମରେ ମାଗଣା କ୍ରୀଡା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କବାଡି ଓ ଖୋଖୋ (ଉଭୟ ପୁରୁଷ ଓ ମହିଳା) ପ୍ରଶିକ୍ଷଣ ଦିଆଯାଉଛି। ସୁନିତା ପାତ୍ର, ସୁଶାନ୍ତ ନାୟକ, ସରୋଜ ପାଢୀ, ସୋମା ଦାସ, ରଘୁନାଥ ରେଡ୍ଡୀ, କାର୍ତ୍ତିକ ପଟ୍ଟନାୟକ ପ୍ରଶିକ୍ଷଣ ଦେଉଛନ୍ତି। ଆଇଆର୍‌ଇର ଉପମହାପ୍ରବନ୍ଧକ (ମାନବ ସମ୍ବଳ) ଗତିକୃଷ୍ଣ ନାୟକ, ମୁଖ୍ୟ ପ୍ରବନ୍ଧକ (ମାନବ ସମ୍ବଳ) ଏସ୍.ଏସ୍ ମଲ୍ଲିକ, ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

**ହିଞ୍ଜିଳିକାଟୁ,୧୬।୯(ଡି.ଏନ୍.ଏ):** ହିଞ୍ଜିଳିକାଟୁ ପୌରାଞ୍ଚଳ ବିଜେଡି ପକ୍ଷରୁ ସୋମବାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ନଗର ସଭାପତି ଭୀମସେନ ବେହେରାଙ୍କ ଅଧକ୍ଷତାରେ ପୂର୍ବାହ୍ନରେ ବଜାର ଚନ୍ଦ୍ରକଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ନୂତନ ସଭ୍ୟାସଭ୍ୟ ସଂଗ୍ରହ ଓ ସକ୍ରିୟ ସଦସ୍ୟ ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ପ୍ରତିନିଧି ଶରତ ମହାପାତ୍ର, ସଞ୍ଜୟ ପଣ୍ଡା, ସୁବାସ ପଲେଇ, ଶିବରାମ ଗୌଡ଼, ନୀଳମଣି ପଟ୍ଟନାୟକ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖଙ୍କ ସହ ବିଜେଡିର ବହୁ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

### ସବୁଜ ବନାନୀ କାର୍ଯ୍ୟକ୍ରମ

**ଜଗନ୍ନାଥପ୍ରସାଦ,୧୬।୯(ଡି.ଏନ.ଏ.):** ବୁଡୁରୁଙ୍ଗ ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଧୋଡ଼ାମଲ୍ଲିସ୍ଥିତ ଭାଗବତ ପ୍ରାଥମିକ ବିଦ୍ୟାଳୟ ପରିସରରେ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଗୋପିନାଥ ସାହୁ ଓ ପ୍ରଧାନ ଶିକ୍ଷକ ଚରଣ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ୧୦୦ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସଭାପତି ଶ୍ୟାମଘନ ପ୍ରଧାନ, ସମ୍ପାଦକ ଯାଜ୍ଞସେନୀ ପାତ୍ର ଓ କୋଷାଧକ୍ଷ କେଦାର ସାମଲ ସଂଯୋଜନା କରିଥିଲେ।

# ଫସଲ କ୍ଷତିର ଭରଣା, ଜଳ ନିଷ୍କାସନ ପାଇଁ ଦାବିପତ୍ର

**ଆସିକା,୧୬।୯(ଡି.ଏନ୍.ଏ.)**

ଲଘୁଚାପଜନିତ ଲଗାଣ ବର୍ଷାରେ ଆସିକା ବ୍ଲକ ଜୟପୁର ପଞ୍ଚାୟତ ତରାସିଙ୍ଗି ଗ୍ରାମରେ ଚାଷ ଜମିରେ ପାଣି ଜମି ଖରିଫ୍ ଧାନ ଫସଲର ବ୍ୟାପକ କ୍ଷତି ଘଟିଛି। କେବଳ ତରାସିଙ୍ଗି ନୁହେଁ ନିକଟସ୍ଥ ମାଗୁରା, ଭେଙ୍କଟରାଇପଲ୍ଲୀ, ଜୟପୁର ଓ ଧୋବାପଲ୍ଲୀ ଗ୍ରାମର ପ୍ରାୟ ପାଞ୍ଚଶହ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ପାଣି ଜମି ଧାନ ଗଛ ପଚିଯାଇଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିଭରଣା ନିମନ୍ତେ ଦାବି କରାଯାଇଛି। ସୋମବାର ତରାସିଙ୍ଗି ଗ୍ରାମର ବହୁ ଚାଷୀ ଆସିକା ତହସିଲ୍ ଅଫିସ୍ ଆସି ଭାରପ୍ରାପ୍ତ ତହସିଲଦାର୍ ଆଶୁତୋଷ ଗୌରବ କରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ବର୍ଷାଜଳ ସାଙ୍ଗକୁ ଚିନିଶିଳ୍ପର ମଇଳା ପାଣି ମିଶି ଏଭଳି ପରିସ୍ଥିତି ଉପୁଜୁଥିବାବେଳେ ରୀତିମତ ଚାଷୀ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଛି। ଏଣୁ ଜଳ ନିଷ୍କାସନ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନର ବ୍ୟବସ୍ଥା କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର୍ କରଙ୍କୁ ପଚାରିବାରୁ ଚାଷୀଙ୍କ ଦାବି ସମ୍ପର୍କରେ ସେ ଜଳ ସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଗଞ୍ଜାମ ଜିଲାପାଳଙ୍କ ସହ ଆଲୋଚନା କରି ବିହୀତ ପଦକ୍ଷେପ ନେବି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଚାରିମଇଲିସ୍ଥିତ ଗଡଗଡିଆ ପାହାଡରୁ ଆସୁଥିବା ବର୍ଷାଜଳ ସହ ଚିନିଶିଳ୍ପରୁ ନିର୍ଗତ ମଇଳା ପାଣି କବଁଫୁଲିଆ ନାଳ ଦେଇ ଏହି ସମସ୍ତ ଗ୍ରାମ ଅତିକ୍ରମ କରି ମଣ୍ଡାପଡା ନିକଟରେ ବାଘୁଆ ନଦୀରେ ପଡିବା ବ୍ୟବସ୍ଥା କରାଯାଇଛି। ତେବେ ମଣ୍ଡାପଡା ନିକଟରେ ଥିବା ନଦୀର ଗେଟ୍ ବନ୍ଦ ହୋଇ ରହୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

RELEASED ! RELEASED !! RELEASED !!!
USHA'S +2 SAMPLE PAPERS
(ARTS, SCIENCE & COMMERCE)
◆ALL SUBJECTS◆ (2nd Year)
USHA BOOKS Co-ordination with
KALYANI PUBLISHERS
(Gopabandhu Lane, Badambadi, Cuttack - 12, Phone : 0671 - 2311391 / 92)

## ଗୋପାଳପୁର ବନ୍ଦର ପକ୍ଷରୁ ବେଳାଭୂମି ସମୃଦ୍ଧୀକରଣ

**ଛତ୍ରପୁର(ଡି.ଏନ୍.ଏ)/ବ୍ରହ୍ମପୁର ଅଫିସ, ୧୬।୯**


ବେଳାଭୂମି ସମ୍ମୁଖ ସମୃଦ୍ଧୀକରଣ କରାଯାଇଛି।

ଗୋପାଳପୁର ବନ୍ଦର ପରିବେଶ ମିତବ୍ୟୟୀ ଓ ନିରନ୍ତର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି। ଏହି ବନ୍ଦର ନିର୍ମାଣ ପ୍ରକଳ୍ପର ଅଂଶ ସ୍ୱରୂପ ଗୋପାଳପୁର ପୋର୍ଟ ଲିମିଟେଡ୍ (ଜିପିଏଲ୍) ୪ ନିୟୁତ କ୍ୟୁବିକ୍ ମିଟର ବାଲି ଓ ମାଟିକୁ ବନ୍ଦରର ଉତ୍ତର ପାର୍ଶ୍ୱରେ ଜମା କରି ୫ କି.ମି. ବେଳାଭୂମି ସମ୍ମୁଖ ବନ୍ଦର ସମୃଦ୍ଧୀକରଣ କାର୍ଯ୍ୟ ଶେଷ କରିଛି। ଏ ନେଇ ସୋମବାର ପୋର୍ଟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ବନ୍ଦର ଖନନ ବେଳେ ବାହାରିଥିବା ଉପକରଣ ଗୁଡ଼ିକର ଅଧିକାଂଶ ଭାଗକୁ ଉତ୍ତର ପାର୍ଶ୍ୱରେ ଥିବା ଆର୍ଜିପଲ୍ଲୀ ଗ୍ରାମ ନିକଟ ବେଳାଭୂମିରେ ଜମା କରାଯାଇଛି। ଖନନରୁ ବାହାରୁ ଥିବା ଉପକରଣକୁ ଉଚ୍ଚ ସମୁଦ୍ର ଡିସଚାର୍ଜ ପାଇଁ ବ୍ୟବହାର କରିବା ଏକ ପାରମ୍ପରିକ ପଦ୍ଧତି। ମାତ୍ର ଜିପିଏଲ୍ ପକ୍ଷରୁ ନିଜସ୍ୱ ଆର୍ଥିକ ବ୍ୟୟ ଜରିଆରେ ୫ କିମି ବ୍ୟାପ୍ତ ପର୍ଯ୍ୟନ୍ତ ଜମା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗୋପାଳପୁର ପୋର୍ଟ କାର୍ଯ୍ୟକଳାପ ପରିବେଶ ଅନୁକୂଳ ଓ ଜୈବିକ ଦୃଷ୍ଟିରୁ ନିରନ୍ତର ବୋଲି ପୋର୍ଟ ପରିଚାଳନା ନିର୍ଦ୍ଦେଶକ ଅମିତ ସାବୁ କହିଛନ୍ତି। ଆମେ ଉଚ୍ଚ ମାନର ନିରନ୍ତର ବିକାଶ ପାଇଁ ପ୍ରତିବଦ୍ଧ। ସେହିପରି ଜିପିଏଲ୍ (ଏଚଏସଇ)ର ଡିଜିଏମ୍ ସଞ୍ଜୟ ଥୋରାଟ୍ ବେଳାଭୂମି ନିରୀକ୍ଷଣ ଏବଂ ତତ୍ ସଂକ୍ରାନ୍ତୀୟ ବିଷୟ ପାଇଁ ଗୋପାଳପୁର ବନ୍ଦର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ମିଶି କାର୍ଯ୍ୟ କରୁଛି ବୋଲି କହିଛନ୍ତି।

## ବିଧାୟିକାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

**ବେଗୁନିଆପଡ଼ା,୧୬।୯(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସୋମବାର ବେଗୁନିଆପଡ଼ା ବ୍ଲକ ଗସ୍ତ କରି ଚିତ୍ତବିନୋଦନ କେନ୍ଦ୍ର ଓ କୋଠ ଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ କୁମ୍ଭାରଗାଁ, ଅଙ୍ଗାରଗାଁ ଓ ସଣ୍ଡମୂଳ ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ବିପୁଳ ଭୋଟରେ ବିଜୟୀ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ବିଭିନ୍ନ ପ୍ରକାର ସମସ୍ୟା ପଚାରି ବୁଝିଥିଲେ। ସାମୂହିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କୁମ୍ଭାରଗାଁ ପଞ୍ଚାୟତର କୁମାରୀପାରିଠାରେ ଆମ ଗାଁ ଆମ ବିକାଶ ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟରେ ଚିତ୍ତବିନୋଦନ କେନ୍ଦ୍ର ଓ ଖଡିକାଢେପରେ ୫ ଲକ୍ଷରେ କୋଠ ଘରକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶାଳିଆ ଡ୍ୟାମକୁ ପର୍ଯ୍ୟଟନ କେନ୍ଦ୍ର, ମେଗା ଜଳ ପ୍ରକଳ୍ପ, ଗିଳିଣ୍ଡଠାରୁ ଖୋର୍ଦ୍ଧା ଜିଲାର ବାଣପୁରକୁ ଯୋଗାଯୋଗ ପାଇଁ ବିହିତ ପଦକ୍ଷେପ ନେବା ପାଇଁ କହିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବ୍ଲକ ଉପାଧ୍ୟକ୍ଷ ଭ୍ରମର ବର ଭୂୟାଁ, ଜିଲା ପରିଷଦ ପ୍ରଫୁଲ୍ଲ କୁମାର ତିଆଡି, ସାମାଜିକକର୍ମୀ ସୀତାରାମ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ପୋଲିସ ଅଧିକାରୀଙ୍କୁ ହତ୍ୟା ମାମଲା

## ୧୦ ବର୍ଷ ପରେ ଫେରାର୍ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୬।୯(ଡି.ଏନ.ଏ.)**


ଗିରଫ ଅଭିଯୁକ୍ତ।

ଚାଷ ଜମି ମାଲିକାନା ସ୍ୱତ୍ୱକୁ କେନ୍ଦ୍ରକରି ପୋଲିସ ଅଧିକାରୀଙ୍କୁ ହତ୍ୟା କରାଯାଇଥିବା ମାମଲାରେ ଦିଗପହଣ୍ଡି ପୋଲିସ ସୋମବାର ଅଭିଯୁକ୍ତଙ୍କୁ ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟ କୋର୍ଟକୁ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା ବି.ଆଦିକନ୍ଦପୁର ଗ୍ରାମର ସତ୍ୟ ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ୨୦୦୯ ଅକ୍ଟୋବର ୧୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ ଏଏସ୍‌ଆଇ ଦୁର୍ଯ୍ୟୋଧନ ନାୟକ ବିଲରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ଲୋକେ ପୂର୍ବ ଯୋଜନା ପ୍ରକାରେ ଗ୍ରାମର କଣ୍ଟାପଡ଼ିଆ ଚାଷ ଜମି ନିକଟରେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଘାତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ପରଦିନ ଦୁର୍ଯ୍ୟୋଧନଙ୍କ ପୁତୁରା ରଞ୍ଜନଙ୍କ ଏତଲାକ୍ରମେ ପାଟପୁର ଥାନାରେ ତତ୍‌କାଳୀନ ଆଇଆଇସି ଏସ୍.ଏଲ.କେ ପ୍ରସାଦ ନଂ. ୯୧/୦୯ରେ ମାମଲା ରୁଜୁ କରିଥିଲେ। ୨୦୧୦ ଫେବୃୟାରୀ ୧୬ ତାରିଖରେ ସିଏଚ୍ ନଂ. ୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଚାର୍ଜଶିଟ ପ୍ରଦାନ କରିଥିଲା। ଏହି ମାମଲାରେ ପୂର୍ବରୁ ଗିରଫ ହୋଇ ୩ ଅଭିଯୁକ୍ତ ଜାମିନରେ ଜେଲରୁ ମୁକୁଳିଥିବା ବେଳେ ଅଭିଯୁକ୍ତ ସତ୍ୟ ଘଟଣା ପରଠାରୁ ପ୍ରାୟ ୧୦ ବର୍ଷ ହେଲା ଫେରାର୍ ଥିଲେ। ଦିଗପହଣ୍ଡି କୋର୍ଟ ପକ୍ଷରୁ ମାମଲା ନଂ. ଜିଆର ୨୫୬/(କ)/୨୦୦୯ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଦିଗପହଣ୍ଡି ଆଇଆଇସି କୋର୍ଟ ୱାରେଣ୍ଟକୁ ଭିତ୍ତିକରି ଡେଙ୍ଗାଓସ୍ତା ଗ୍ରାମସ୍ଥିତ ଅଭିଯୁକ୍ତଙ୍କ ଭଡ଼ାଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

## ୩ ଜୋନ୍‌ରେ ବିଜେଡିର ବୈଠକ

**ଶେରଗଡ,୧୬।୯(ଡି.ଏନ.ଏ.)**

ଶେରଗଡରେ ବିଜେଡିର ୩ଟି ଜୋନ୍‌ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ଶେରଗଡ ବ୍ଲକର ନଂ.୫୬ ଜୋନର ଶେରଗଡଠାରେ, ନଂ.୫୭ ଜୋନ୍‌ର ନରେନ୍ଦ୍ରପୁରଠାରେ ନଂ.୫୮ ଜୋନ୍‌ର ଧନନ୍ତରଠାରେ ବିଜେଡିର ବୈଠକ ଅନୁଷ୍ଠିତ ହୋଇଥିଲା। ତିନୋଟି ଜୋନ୍‌ର ସରପଞ୍ଚ, ସମିତିସଭ୍ୟ, ନିର୍ବାଚିତ ପ୍ରତିନିଧି ଓ ଆଗ ଧାଡିର ନେତା ବୈଠକରେ ଯୋଗଦେଇ ସଭ୍ୟସଂଗ୍ରହକୁ ଜୋର୍‌ଦାର କରିବା ସହ ସଭ୍ୟ ସଂଗ୍ରହକୁ ୧ଲକ୍ଷରେ ପହଞ୍ଚାଇବାକୁ ତିନୋଟି ବୈଠକରେ ଆଲୋଚନା ହୋଇଛି। ବ୍ଲକର ୨୨ ପଞ୍ଚାୟତର ୯୫ଟି ରାଜସ୍ୱ ଗ୍ରାମରେ ନେତା ଓ କର୍ମୀମାନେ ଘରଘର ବୁଲି ସଭ୍ୟ ସଂଗ୍ରହ କରିବା ସହ ବିଜେଡି ସରକାରର ସଫଳତା ପ୍ରଚାର କରିବାନେଇ ନେତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଅନ୍ୟତମ ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ଗୋପାଳ ଚରଣ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ବରିଷ୍ଠ ନେତା ହୀନ ବେହେରା, ହୃଷୀକେଶ ପାଢୀ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ନରେନ୍ଦ୍ରପୁର ସରପଞ୍ଚ ବିନୋଦ ବେହେରା, ସୀମାଞ୍ଚଳ ପ୍ରଧାନ, ସମୀର ପ୍ରଧାନଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଡିଆରଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

## ରାସ୍ତାରେ ନିର୍ମାଣାଧୀନ ଘରକୁ ଭାଙ୍ଗିଲା ପ୍ରଶାସନ

**ଦିଗପହଣ୍ଡି,୧୬।୯(ଡି.ଏନ.ଏ.)**


ତହସିଲଦାର, ବିଡିଓ ଓ ସରପଞ୍ଚଙ୍କ ଉପସ୍ଥିତିରେ ଭଙ୍ଗାଗଲା ଘର।

ଦିଗପହଣ୍ଡି ତହସିଲ ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ସରକାରୀ ରାସ୍ତା ଉପରେ ବେଆଇନ ଭାବେ ନିର୍ମାଣାଧୀନ ଘରକୁ ଭାଙ୍ଗି ଦିଆଯାଇଛି। ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବାଲିଘାଇ ଗ୍ରାମର ଜୁରିଆ ପାତ୍ର ସରକାରୀ ରାସ୍ତାରେ ବେଆଇନ ଗୃହ ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ସେବକ ଟିକରପଡ଼ା ଗ୍ରାମ ବାବୁ ପାଢ଼ୀଙ୍କ ବାସୋପଯୋଗୀ ଜମି ସମ୍ମୁଖରେ ଇନ୍ଦିରା ଆବାସ କାର୍ଯ୍ୟାଦେଶ ପାଇଥିବା ଜୁରିଆ ବାସଗୃହ ନିର୍ମାଣ କରୁଥିଲେ। ଏ ନେଇ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ କ୍ରୀଷ୍ଣା ରାଓ, ସରପଞ୍ଚ ସନ୍ତୋଷ କୁମାର ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ପ୍ରଧାନଙ୍କ ଉପସ୍ଥିତିରେ ହିଟାଚି ମେଶିନ ସହାୟତାରେ ନିର୍ମାଣାଧୀନ ଗୃହକୁ ଭାଙ୍ଗି ଦିଆଯିବା ସହ ଜବରଦଖଲ ଉଚ୍ଛେଦ କରାଯାଇଛି।

## ନିଖୋଜ ନାବାଳିକା ଉଦ୍ଧାର, ଜଣେ ଗିରଫ

**ପାତ୍ରପୁର,୧୬।୯(ଡି.ଏନ୍.ଏ.)**

ଜରଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକା (୧୫) ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋମବାର ପୋଲିସ ଚିକିଟିରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବିଜୟ ସାହୁ। ଗତ ଶନିବାର ରାତିରୁ ନାବାଳିକା ନିଖୋଜ ଥିବା ନେଇ ତାଙ୍କ ମା ଜରଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିବାରୁ ଭୋଳାସିଙ୍ଗି ଗାଁର ବିଜୟ ନାବାଳିକାଙ୍କୁ ନେଇଥିବା ଜଣାପଡ଼ିଥିଲା। ପରେ ଚିକିଟିରୁ ନାବାଳିକାଙ୍କୁ ଉଦ୍ଧାର କରି ସମ୍ପୃକ୍ତ ଯୁବକ ଏବଂ ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ପଠାଇଛି। ଏ ନେଇ ନଂ. ୧୫୬/୧୯ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ବିଜୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ଆର୍‌ପିଏଫ୍ ପକ୍ଷରୁ ସଚେତନତା


ଲୋକଙ୍କୁ ସଚେତନ କରାଯାଉଛି।

**ଛତ୍ରପୁର,୧୬।୯(ଡି.ଏନ.ଏ)**

ଛତ୍ରପୁର ଷ୍ଟେଶନ ନିକଟ ବାଳକୃଷ୍ଣପୁର ଗାଁରେ ସୋମବାର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଲୋକଙ୍କୁ ଟ୍ରେନ୍ ଓ ଯାତ୍ରୀଙ୍କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଆରପିଏଫ୍ ଆଉଟପୋଷ୍ଟର ଏସ୍‌ଆଇ ଏଲ. ବି. ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଛତ୍ରପୁର ଷ୍ଟେଶନ ନିକଟରେ ଉକ୍ତ ଗାଁ ଥିବାରୁ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟ୍ରେନ୍‌ରେ କୌଣସି ଅଘଟଣ ଆଶଙ୍କା କିମ୍ବା ସୁରକ୍ଷା ପାଇବା ପାଇଁ ହେଲ୍ପଲାଇନ୍ ୧୮୨ ରେ ଫୋନ୍ କରି ଜଣାଇବାକୁ ଲୋକଙ୍କୁ ଅବଗତ କରାଯାଇଥିଲା। ଏଥିସହ ଟ୍ରେନ୍ ଉପରକୁ ପଥର ନ ଫିଙ୍ଗିବା, ଆବଶ୍ୟକ ନ ହେଲେ ଚେନ୍ ପୁଲିଂ ନ କରିବାକୁ ପରାମର୍ଶ ଦିଆଯାଇଥିଲା।

■ ବୋମାମାଡ଼ ଘଟଣା

## ଜେଲ ଗଲେ ୨ ଅଭିଯୁକ୍ତ

**ଗଞ୍ଜାମ,୧୬।୯(ଡି.ଏନ.ଏ.)**

ଗଞ୍ଜାମ ସାନବଜାରରେ ଗତ ୨୨ତାରିଖରେ ବିଜେଡି ନେତା ସୁଧୀର ପାଢ଼ୀ ଓ ତାଙ୍କ ଡ୍ରାଇଭର ଗଣେଶ ବାରିକଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ ପାଢ଼ୀ ସାମାନ୍ୟ ଆହତ ହୋଇଥିବା ବେଳେ ଗଣେଶ ଗୁରୁତର ହୋଇଥିଲେ। ବୋମା ଫିଙ୍ଗିଥିବା ୨ ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ କହିଛନ୍ତି। ସେମାନେ ହେଲେ ବ୍ରହ୍ମପୁର ଖଜୁରିଆ ଅଞ୍ଚଳର ସମୀର ସାସମଲ ଏବଂ ଷଡ଼ଯନ୍ତ୍ରକାରୀ ଅନୁପ ପ୍ରଧାନ। ଗିରଫ ପରେ ସମୀରଙ୍କୁ ବୋମାମାଡ଼ ସ୍ଥାନକୁ ନେଇ ଏସ୍‌ଡିପିଓ ତଦନ୍ତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ମାଷ୍ଟର ମାଇଣ୍ଡଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ଦାସ କହିଛନ୍ତି। ଗତ ଶନିବାର ଓ ରବିବାର ପୃଥକ୍ ଭାବେ ହୋଇଥିବା ପୋଲିସ ଏନ୍‌କାଉଣ୍ଟରରେ ସୁଶାନ୍ତ ବେହେରା (କୋକ) ଏବଂ ପୁଙ୍ଗତୋଳା ଗ୍ରାମର ପ୍ରମୋଦ ବାରିକି ଆହତ ହୋଇ ବ୍ରହ୍ମପୁର ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି। ଏମାନେ ମଧ ଉକ୍ତ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ପୂର୍ବରୁ ଏସ୍‌ଡିପିଓ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ୨୨ ତାରିଖରେ ବୋମାମାଡ଼ ଘଟଣା ପରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଘଟଣାର ତଦନ୍ତ ପାଇଁ ଛତ୍ରପୁର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦେଇଥିଲେ। ଏସ୍‌ଡିପିଓଙ୍କ ନେତୃତ୍ୱରେ ରମ୍ଭା, ଗଞ୍ଜାମ ଓ ଛତ୍ରପୁର ଥାନା ପୋଲିସକୁ ନେଇ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ ରାଜ୍ୟ ବାହାରକୁ ମଧ ଯାଇଥିବା ଗଞ୍ଜାମ ଥାନାଧିକାରୀ ସୁଦାମ ମଲିକ ସୂଚନା ଦେଇଛନ୍ତି।

## ଅନ୍ତେବାସୀଙ୍କ ସମସ୍ୟା ବୁଝିଲେ ଉପଜିଲାପାଳ

**ଗୋପାଳପୁର,୧୬।୯**


ଶ୍ରଦ୍ଧା ସଞ୍ଜୀବନୀ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି ଉପଜିଲାପାଳ।

ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୋମବାର ସନ୍ଧ୍ୟାରେ ଗୋପାଳପୁର ବିଜ୍ଞାପିତ ଅଞ୍ଚଳରେ ଥିବା ଶ୍ରଦ୍ଧା ସଞ୍ଜୀବନୀ କେନ୍ଦ୍ରରେ ସମୀକ୍ଷା କରିବା ସହ ବିଜ୍ଞାପିତ କାର୍ଯ୍ୟାଳୟ ଜାଗା ଚିହ୍ନଟ କରିଛନ୍ତି। ସନ୍ଧ୍ୟା ପ୍ରାୟ ୫ଟାରେ ଉପଜିଲାପାଳ ଭାଉସାହେବ ଓ ଗୋପାଳପୁର ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠି ଶ୍ରଦ୍ଧା ସଞ୍ଜୀବନୀରେ ପହଞ୍ଚି ଅନ୍ତେବାସୀ, ଶିକ୍ଷକ ଓ ୱାର୍ଡେନଙ୍କ ସହ ଶିକ୍ଷା, ଖାଦ୍ୟ, ସ୍ୱାସ୍ଥ୍ୟ ଉପରେ ଆଲୋଚନା କରି ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ କେତେଜଣ ଅନ୍ତେବାସୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କେନ୍ଦ୍ରରେ ଏଚ୍‌ଆଇଭି ପଜେଟିଭ ଆକ୍ରାନ୍ତ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କର କିଭଳି କୌଣସି ସମସ୍ୟା ନ ଉପୁଜିବ ସେଥିପ୍ରତି କେନ୍ଦ୍ର କର୍ମଚାରୀମାନେ ଦୃଷ୍ଟି ଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଠାରୁ ବାହାରି ଉପଜିଲାପାଳ ବ୍ରହ୍ମପୁର ଉନ୍ନୟନ ସଂସ୍ଥା (ବିଡିଏ) ରାଜସ୍ୱ ଅଞ୍ଚଳରେ ଗୋପାଳପୁର ଏନ୍‌ସି କାର୍ଯ୍ୟାଳୟ ପାଇଁ ଜାଗା ଚିହ୍ନଟ କରିଥିବା ଜଣାପଡିଛି। ଏହି ଅବସରରେ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ